# NATIONAL NEWS BULLETIN (ODIA)
## 24th May - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ଆମେରିକା ପ୍ରତିପକ୍ଷ ମାର୍କ ରୁବିଓଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ।

— ଭାରତର ଶକ୍ତି ସୁରକ୍ଷାପାଇଁ ଶକ୍ତି ଯୋଗାଣର ବିବିଧତା ଉପରେ ଉଭୟ ନେତାଙ୍କ ଗୁରୁତ୍ୱାରୋପ ।

- ପଶ୍ଚିମବଙ୍ଗର ଫାଲ୍‌ଟା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବି.ଜେ.ପି. ପ୍ରାର୍ଥୀ ବିଜୟୀ ।

- ତ୍ରୁଟିଶୂନ୍ୟ ପୁନଃ ମୂଲ୍ୟାୟନ ସୁନିଶ୍ଚିତ କରିବାପାଇଁ ବିଶେଷଜ୍ଞ ଦଳ ନିୟୋଜିତ କରିବାକୁ ସି.ବି.ଏସ୍.ଇ.କୁ ନିର୍ଦ୍ଦେଶ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ବିସ୍ଫୋରଣ ଘଟି ୨୪ ଜଣଙ୍କ ମୃତ୍ୟୁ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷରେ ଟସ୍ ଜିତି କୋଲ୍‌କାତା ନାଇଟ୍ ରାଇଡର୍ସର ବୋଲିଂ ନିଷ୍ପତ୍ତି ।

## ଇ.ଏମ୍.ଏବ୍. ରୁବିଓ ଟକ୍ସ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଆମେରିକା ପ୍ରତିପକ୍ଷ ମାର୍କୋ ରୁବିଓଙ୍କ ମଧ୍ୟରେ ଆଜି ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଛି । ଉଭୟ ନେତା' ଭାରତ-ଆମେରିକା ରଣନୈତିକ ଭାଗିଦାରିତା ଏବଂ ବାଣିଜ୍ୟ, ଶକ୍ତି, ଯୋଗାଯୋଗ ଏବଂ ଆଞ୍ଚଳିକ ସୁରକ୍ଷା ସମେତ ଦ୍ୱିପାକ୍ଷିକ ସହଯୋଗ ନେଇ ଆଲୋଚନା କରିଛନ୍ତି । ପ୍ରତିନିଧିସ୍ତରୀୟ ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଏବଂ ଆମେରିକା ମଧ୍ୟରେ ଖୁବ୍‌ଶୀଘ୍ର ଏକ ବାଣିଜ୍ୟ ଚୁକ୍ତି ସମ୍ପନ୍ନ ହେବାର ଆବଶ୍ୟକତା ରହିଛି । ଉଭୟ ନେତା ଭାରତର ଶକ୍ତି ସୁରକ୍ଷା ପାଇଁ ଶକ୍ତି ଯୋଗାଣର ବିବିଧତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଇରାନ୍ ବିବାଦ ସମ୍ପର୍କରେ ଶ୍ରୀ ଜୟଶଙ୍କର କହିଛନ୍ତି, ଭାରତ ଏବଂ ଆମେରିକା' ବିଶ୍ୱସ୍ତରରେ ଶକ୍ତିର ଦର କମ୍ ରହିବା ଦିଗରେ ସୁନିଶ୍ଚିତ କରିବା ଲାଗି ଦୃଢ଼ ଆଗ୍ରହୀ ରହିଛନ୍ତି ।  ବିବାଦ ସମାଧାନପାଇଁ ଆଲୋଚନା ଏବଂ

କୂଟନୈତିକ ମାର୍ଗ ଉପରେ ଡକ୍ଟର ଜୟଶଙ୍କର ଗୁରୁତ୍ୱାରୋପ କରିବା ସହ ନିରାପଦ ଏବଂ ଅବାଧ ସାମୁଦ୍ରିକ ବାଣିଜ୍ୟକୁ ଭାରତ ସମର୍ଥନ କରେ ବୋଲି ସେ ଦୋହରାଇଚନ୍ତି । ଉଭୟ ପକ୍ଷଙ୍କ ମଧ୍ୟରେ ଉପସାଗରୀୟ କ୍ଷେତ୍ରର ସାମ୍ପ୍ରତିକ ପରିସ୍ଥିତି ନେଇ ମତ ବିନିମୟ ହୋଇଥିବା ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି । ସେ କହିଛନ୍ତି, ବିଶ୍ୱର କେତେକ ରାଷ୍ଟ୍ର ମଧ୍ୟରେ ଭାରତର ଆମେରିକା, ଇସ୍ରାଏଲ୍, ଇରାନ୍ ସମେତ ଅନ୍ୟାନ୍ୟ ଉପସାଗରୀୟ ରାଷ୍ଟ୍ର ସହିତ ସୁସମ୍ପର୍କ ରହିଛି । ଏହିସବୁ ଦେଶଗୁଡ଼ିକ ସହ ସମ୍ପର୍କ ବଜାୟ ରଖିବା ଏବଂ ଜାତୀୟ ସ୍ୱାର୍ଥକୁ ଆଗେଇ ନେବା ଲାଗି ଭାରତ ପ୍ରୟାସ ଜାରି ରଖିଛି ବୋଲି ସେ କହିଛନ୍ତି । ଭାରତ ସର୍ବଦା ଶାନ୍ତି ଏବଂ ଭାରତୀୟ ବଂଶୋଭବଙ୍କ ମଙ୍ଗଳ ଚାହେଁ । ଡକ୍ଟର ଜୟଶଙ୍କର କହିଛନ୍ତି, ଉଭୟ ଦେଶ ମଧ୍ୟରେ ଜନସମ୍ପର୍କ ବଜାୟ ରଖିବା ଦିଗରେ ସେ ଗୁରୁତ୍ୱ ପ୍ରଦାନ କରିବା ସହ ଆଇନ ମୁତାବକ ଯାତାୟତ ପ୍ରଭାବିତ ନ ହେବା ଲାଗି କହିଛନ୍ତି ।

ଆମେରିକା ବୈଦେଶିକ ମନ୍ତ୍ରୀ ଶ୍ରୀ ରୁବିଓ କହିଛନ୍ତି, ଯୁକ୍ତରାଷ୍ଟ୍ର ଆମେରିକା ଏକବିଂଶ ଶତାବ୍ଦୀ ପାଇଁ ଦେଶ ଦେଶ ମଧ୍ୟରେ ପ୍ରବାସୀଙ୍କ ଯାତାୟାତ ବ୍ୟବସ୍ଥାକୁ ଆଧୁନିକୀକରଣ କହିଛି । ଭାରତକୁ ଆମେରିକା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଭାଗିଦାରୀ ରାଷ୍ଟ୍ର ଭାବେ ଗୁରୁତ୍ୱ ପ୍ରଦାନ କରେ ବୋଲି ସେ କହିଛନ୍ତି । ଉଭୟ ରାଷ୍ଟ୍ର ରଣନୈତିକ ଭାଗିଦାରୀ ସମ୍ପର୍କର ନୂତନ ପିରଭାଷା ଦେବା ଲାଗି ସର୍ବଦା ଚେଷ୍ଟିତ ବୋଲି ସେ କହିଛନ୍ତି । ଶ୍ରୀ ରୁବିଓ

କହିଛନ୍ତି, ଉଭୟ ଦେଶ ଶକ୍ତି କ୍ଷେତ୍ରରେ ରଣନୈତିକ ଭାଗିଦାରୀ ସମ୍ପର୍କ ବଜାୟ ରଖିବା ଲାଗି ସହମତି ପ୍ରକାଶ କରିଛନ୍ତି ।

ଆସନ୍ତା ମଙ୍ଗଳବାର ୨୬ ତାରିଖ ଦିନ କ୍ୱାଡ୍ ବୈଦେଶିକ ମନ୍ତ୍ରୀ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ଏଥିରେ ଡକ୍ଟର ଜୟଶଙ୍କରଙ୍କ ସହିତ ଅଷ୍ଟ୍ରେଲିଆ, ଜାପାନ ଏବଂ ଆମେରିକାର ବୈଦେଶିକ ମନ୍ତ୍ରୀ ଅଂଶଗ୍ରହଣ କରିବେ ।

## ଡବ୍ଲ୍ୟୁ.ବି. କାଉଣ୍ଟିଂ

ପଶ୍ଚିମବଙ୍ଗର ଫାଲ୍‌ଟା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ସାନି ଭୋଟ୍‌ଗ୍ରହଣରେ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ଦେବାଂଶୁ ପଣ୍ଡା ବିଜୟୀ ହୋଇଛନ୍ତି । ବି.ଜେ.ପି. ପ୍ରାର୍ଥୀ ଦେବାଂଶୁ ପଣ୍ଡା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୧ ଲକ୍ଷ ୯ ହଜାର ଭୋଟ୍‌ରେ ଆଗୁଆ ରହି ଏହି ବିଜୟ ହାସଲ କରିଛନ୍ତି । କମ୍ୟୁନିଷ୍ଟ ପାର୍ଟିର ଶମ୍ଭୁନାଥ କୁର୍ମୀ ୪୦ ହଜାର ୬୦୦ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ କଂଗ୍ରେସ ପ୍ରାର୍ଥୀ ଅବଦୁର ରଜାକ ତୃତୀୟ ଏବଂ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଜାହାଙ୍ଗୀର ଖାଁ ଚତୁର୍ଥ ସ୍ଥାନରେ ରହିଛନ୍ତି ।

ପଶ୍ଚିମବଙ୍ଗର ଫାଲ୍‌ଟା ବିଧାନସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ମତଦାନରେ ଅନିୟମିତତା ଅଭିଯୋଗ ଯୋଗୁଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ

ସେଠାରେ ପୁନଃ ଭୋଟଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଗତ ୨୧ ତାରିଖରେ ସେଠାରେ ସାନି ମତଦାନ ଅନୁଷ୍ଠିତ ହୋଇଥିଲା ।

## ପ୍ରଧାନ - ସି.ବି.ଏସ୍.ଇ.

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ’ କେନ୍ଦ୍ରୟ ମାଧ୍ୟମିକ ଶିକ୍ଷା ବୋର୍ଡ଼୍-ସି.ବି.ଏସ୍.ଇ. ପରୀକ୍ଷାର ପୁନଃ ମୂଲ୍ୟାୟନ ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଏବଂ ସ୍ୱଚ୍ଛ କରିବା ଲାଗି ଆଇ.ଆଇ.ଟି. ମାଡ୍ରାସ୍ ଏବଂ ଆଇ.ଆଇ.ଟି. କାନପୁରର ପ୍ରଫେସର ଏବଂ ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ଦଳକୁ ନିୟୋଜିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସି.ବି.ଏସ୍.ଇ. ଫଳାଫଳ ପରବର୍ତ୍ତୀ ସେବା ପୋର୍ଟାଲ୍‌ରେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପକ୍ଷରୁ ମୂଲ୍ୟାଙ୍କନ ନେଇ ସୃଷ୍ଟି ହୋଇଥିବା ଉଦ୍‌ବେଗକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏପରି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଆଇ.ଆଇ.ଟି. ମାଡ୍ରାସ୍ ଏବଂ ଆଇ.ଆଇ.ଟି. କାନପୁରର ବିଶେଷଜ୍ଞ ଦଳ’ ପୋର୍ଟାଲ୍ ବ୍ୟବସ୍ଥାର ଅତ୍ୟାଧୁନିକ ବୈଷୟିକ କୌଶଳ କାର୍ଯ୍ୟକାରୀ କରିବେ ଏବଂ ସେମାନେ ପୋର୍ଟାଲ୍‌ର ସ୍ଥିରତା ନେଇ ପରୀକ୍ଷା ନିରୀକ୍ଷା କରିବେ । ଏହି ଦଳ ମୋଟାମୋଟି ଆଇ.ଟି. ଭିତ୍ତିଭୂମିର ସମସ୍ତ କାର୍ଯ୍ୟ ତଦାରଖ କରିବେ ।

# ପାକ୍ ବ୍ଲାଷ୍ଟ

ପାକିସ୍ଥାନରେ ବେଲୁଚିସ୍ତାନ ପ୍ରଦେଶରେ ଆଜି ଏକ ରେଲଲାଇନ୍‌ରେ ଶକ୍ତିଶାଳୀ ବିସ୍ଫୋରଣ ଘଟି ୨୪ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଆହତ ହୋଇଛନ୍ତି । ରାଜଧାନୀ ସହର କ୍ୱେଟା ନିକଟବର୍ତ୍ତୀ ଚମନ ଫାଟକ ରେଲଷ୍ଟେସନ୍‌ଠାରେ ଏହି ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣରେ ଟ୍ରେନ୍‌ଟି ଆଂଶିକ କ୍ଷତି ହୋଇଥିବାବେଳେ ନିକଟରେ ଥିବା ୧୦ଟି ଗାଡ଼ି ନଷ୍ଟ ହୋଇଛି । ଦୁର୍ଘଟଣା ପରେ କ୍ୱେଟା ସରକାରୀ ହସ୍ପିଟାଲ୍‌ରେ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଥିଲା ଏବଂ ସେଠାକାର ସମସ୍ତ ଡାକ୍ତର ଓ ମେଡିକାଲ୍ କର୍ମକର୍ତ୍ତାଙ୍କୁ ଆହତଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଦେବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

ବେଲୁଚି ଲିବରେସନ ଆର୍ମି - ବି.ଏଲ୍.ଏ.ର ମାଜିଦ୍ ବ୍ରିଗେଡ୍ ଏହି ଘଟଣାପାଇଁ ନିଜକୁ ଦାୟୀ କରିଛନ୍ତି । ବି.ଏଲ୍.ଏ. ପକ୍ଷରୁ କୁହାଯାଇଛି, ଟ୍ରେନ୍‌ରେ ଯାତ୍ରା କରୁଥିବା ପାକିସ୍ତାନୀ ସେନା କର୍ମଚାରୀଙ୍କ ଉପରେ ଆକ୍ରମଣ କରିବା ଲକ୍ଷ୍ୟରେ ଏହି ବିସ୍ଫୋରଣ କରାଯାଇଥିଲା । ଟ୍ରେନ୍‌ରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପାକିସ୍ତାନୀ ସେନା ଯାତ୍ରା କରୁଥିବା ସୂଚନା ମିଳିଛି । ବି.ଏଲ୍.ଏ. ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ଆତ୍ମଘାତୀ ବୋମା ବିସ୍ଫୋରଣ ଜରିଆରେ ପାକିସ୍ତାନୀ ସେନା କର୍ମଚାରୀଙ୍କ ଉପରେ ଆକ୍ରମଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା ।

# ବାଂଲାଦେଶ - ମିସିଲ୍ସ ଟୋଲ୍

ବାଂଲାଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ମିଳିମିଳା ଭଳି ଲକ୍ଷଣରେ ଆକ୍ରାନ୍ତ ହୋଇ ଆଉ ୧୬ ଜଣଙ୍କର ମୃତ୍ୟୁ ଘଟିଛି । ଫଳରେ ଚଳିତ ବର୍ଷ ଏହି ରୋଗରେ ମୋଟ୍ ୫୨୮ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସ୍ୱାସ୍ଥ୍ୟସେବାର ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ସମୟ ମଧ୍ୟରେ ୧ ହଜାର ୩୦୦ରୁ ଊର୍ଦ୍ଧ୍ୱ ନୂଆ ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇଛି । ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ବାଂଲାଦେଶରେ ୮ ଜହାର ୬୦୦ରୁ ଊର୍ଦ୍ଧ୍ୱ ମିଳିମିଳା ଆକ୍ରାନ୍ତ ଥିବା ସୁନିଶ୍ଚିତ କରାଯାଇଥିଲା । ୟୁନିସେଫ୍ ପକ୍ଷରୁ କୁହାଯାଇଛି, ନୋବେଲ ପୁରସ୍କାର ବିଜେତା ପ୍ରଫେସର ମହମ୍ମଦ ୟୁନୁସ୍‌ଙ୍କ ଦ୍ୱାରା ପରିଚାଳିତ ମଧ୍ୟବର୍ତ୍ତୀକାଳୀନ ସରକାର ସମ୍ଭାବ୍ୟ ପ୍ରତିଷେଧକ ଟିକା ଅଭାବ ସମ୍ପର୍କରେ ଅବଗତ କରିଥିଲେ । ପ୍ରତିଷେଧକ ଟିକା ସଂଗ୍ରହ ବିଳମ୍ବ କାରଣରୁ ବହୁସଂଖ୍ୟାରେ ଲୋକ ଏଥିରେ ଆକ୍ରାନ୍ତ ହେଉଥିବା କୁହାଯାଇଛି । ମିଆଁମାର ସୀମାନ୍ତ ନିକଟବର୍ତ୍ତୀ ରୋହିଙ୍ଗ୍ୟା ଶରଣାର୍ଥୀ ଶିବିରରେ ଏହି ରୋଗ ଆରମ୍ଭ ହୋଇ ବାଂଲାଦେଶର ୫୮ଟି ଜିଲ୍ଲାକୁ ବ୍ୟାପି ଯାଇଥିଲା । ଏପର୍ଯ୍ୟନ୍ତ ସେଠାରେ ଏହି ରୋଗରେ ୨୧ ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପଡ଼ୋଶୀ ମିଆଁମାର ଏବଂ ଭାରତକୁ ଯେପରି ଏହି ରୋଗ ନ ବ୍ୟାପେ, ସେଥିନିମନ୍ତେ ସତର୍କତା ଅବଲମ୍ବନ କରିବା ଲାଗି ପରାମର୍ଶ ଦିଆଯାଇଛି । ବାଂଲାଦେଶ ପକ୍ଷରୁ ୟୁନିସେଫ୍ ଜରିଆରେ

ପ୍ରତିଷେଧକ ଟିକା ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହୋଇଛି ଏବଂ ଦେଶରେ ଜରୁରୀକାଳୀନ ପ୍ରତିଷେଧକ ଟିକା ଅଭିଯାନ ଆରମ୍ଭ କରାଯାଇଛି ।

## ରୁଷ ଷ୍ଟ୍ରାଇକ୍ ୟୁକ୍ରେନ୍

ୟୁକ୍ରେନ୍‌ର କିଭ୍‌ଠାରେ ରୁଷ୍‌ର ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର ଜେଲେନେସ୍କି କହିଛନ୍ତି, ଏହି ଆକ୍ରମଣରେ ରୁଷ୍ ଶକ୍ତିଶାଳୀ ଅତିଦ୍ରୁତଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବ୍ୟବହାର କରିଥିଲା । ଆକାଶମାର୍ଗରୁ ଏହିଁ କ୍ଷେପଣାସ୍ତ୍ର ଆକ୍ରମଣରେ ଅନେକ ବଡ଼ ବଡ଼ ଘର ନଷ୍ଟ ହେବା ସହ ୭୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆକ୍ରମଣରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ବ୍ୟବହାରକୁ ନିଶ୍ଚିତ କରାଯାଇଛି । ୟୁକ୍ରେନ୍‌ର ସାମରିକ ବ୍ୟବସ୍ଥା, ଏୟାରବେସ୍ ଏବଂ ସାମରିକ ଶିଳ୍ପ ନଷ୍ଟ କରିବା ଉଦ୍ଦେଶ୍ୟରେ ଏହି ଆକ୍ରମଣ କରାଯାଇଥିବା ରୁଷ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଅନ୍ୟପକ୍ଷରେ ରୁଷ୍‌ର କେତେକ ଅଞ୍ଚଳରେ ୟୁକ୍ରେନ୍‌ର ଆକ୍ରମଣର ପ୍ରତିଜବାବରେ ରୁଷ୍ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କୁହାଯାଇଛି ।

## ରାମ ମୋହନ ନାଇଡୁ - ତିରୁପତି

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମ ମୋହନ ନାଇଡୁ କହିଛନ୍ତି, ଭାରତୀୟ ସଂସ୍କୃତି ଏବଂ ପରମ୍ପରାକୁ ସମସ୍ତେ ସମ୍ମାନ ଦେବା ସହ ସଂରକ୍ଷିତ କରିବା ଜରୁରୀ । ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିର ପରିଦର୍ଶନ କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ନାଇଡୁ କହିଛନ୍ତି, ଦେଶର ସାଂସ୍କୃତିକ ଐତିହ୍ୟର ବିକାଶ ଏବଂ ସୁରକ୍ଷିତ ରଖିବାପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ତିରୁମାଲା ତିରୁପତି ଦେବସ୍ଥାନଠାରେ ରହିଥିବା ସମସ୍ତ ବ୍ୟବସ୍ଥାକୁ ଶ୍ରୀ ନାଇଡୁ ପ୍ରଶଂସା କରିଥିଲେ ।

## ଆଇ.ଏମ୍.ଡି. - ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବ ଉତ୍ତର ପ୍ରଦେଶ, ପୂର୍ବ ମଧ୍ୟପ୍ରଦେଶ ଏବଂ ବିଦର୍ଭରେ ପ୍ରବଳରୁ ଅତି ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ସତର୍କ ସୂଚନା ଜାରି କରାଯାଇଛି । ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ବିଦର୍ଭ, ପଞ୍ଜାବ, ହରିୟାଣା, ଚଣ୍ଡୀଗଡ଼ ଏବଂ ଦିଲ୍ଲୀରେ ଆସନ୍ତା ୫ ଦିନପାଇଁ ଗ୍ରୀଷ୍ମପ୍ରବାହ ଜାରି ରହିବ ବୋଲି ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ଏବଂ ଦକ୍ଷିଣ

ପୂର୍ବ ଆରବ ସାଗର, ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆଣ୍ଡାମାନ ସାଗରର କେତେକ ଭାଗକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ନେଇ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆସାମ, ମେଘାଳୟ, ପଶ୍ଚିମବଙ୍ଗ ଏବଂ ସିକ୍କିମ୍‌ର କେତେକ ଅଞ୍ଚଳରେ ବର୍ଷା ହେବାନେଇ ମଧ୍ୟ ପୂର୍ବାନୁମାନ କରାଯାଇଛି ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ କୋଲ୍‌କାତା ଇଡେନ୍ ଗାର୍ଡେନ୍‌ସ୍‌ଠାରେ କୋଲ୍‌କାତା ନାଇଟ୍ ରାଇଡର୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ୍ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହେବ । ଟସ୍ ଜିତି କୋଲ୍‌କାତା ନାଇଟ୍ ରାଇଡର୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ଠାରେ ଚାଲିଥିବା ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୫ ରନ୍ ସଂଗ୍ରହ କରିଥିଲା । ମୁମ୍ବାଇ ଇଣ୍ଡିଆନ୍‌ସ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ମୁମ୍ବାଇ ଇଣ୍ଡିଆନ୍ ୧୫ ଓଭରରେ ୫ ୱିକେଟ୍ ହରାଇ ୧୪୭ ରନ୍ ସଂଗ୍ରହ କରିଛି ।

*****